ଧରିତ୍ରୀ
DHARITRI
ମଙ୍ଗଳବାର, ୨୭ ଅଗଷ୍ଟ, ୨୦୧୯



## ସଂକ୍ଷେପରେ

### ପୋଲିସ ଉପରକୁ ଗୁଳିମାଡ଼ ଘଟଣା

## ଦୁର୍ଦ୍ଧାନ୍ତ ଦୀପକଙ୍କୁ ୫ ବର୍ଷ ଜେଲ

**ବ୍ରହ୍ମପୁର ଅଫିସ,୨୬।୮:** ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ପୋଲିସ ଉପରକୁ ଗୁଳିମାଡ ଘଟଣାରେ ସୋମବାର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏସ୍. କେ. ଦାସ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ ଦୀପକ ମଣ୍ଡଳଙ୍କୁ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୭ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧୬ ମାସ ଜେଲ ଦଣ୍ଡରେ ଦଣ୍ଡିତ ହେବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୧୬ ଅଗଷ୍ଟ ୩୧ ତାରିଖ ରାତି ପ୍ରାୟ ୯ଟା ବେଳେ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ ଗୋଳନ୍ଥରା ଅଞ୍ଚଳରେ ଲୁଚିଥିବା ପୋଲିସ ଖବର ପାଇଥିଲା। ପୋଲିସ ଟିମ୍ ସେଠାରେ ଚଢାଉ କରିବା ବେଳେ ଦୁର୍ଦ୍ଧାନ୍ତ ଦୀପକ ମଣ୍ଡଳ ପୋଲିସ ଉପରକୁ ଗୁଳିମାଡ କରିଥିଲା। ପରେ ପୋଲିସର ପାଲଟା ଗୁଳିରେ ଦୀପକ ଗୁରୁତର ହୋଇ ତଳେ ପଡିଯାଇଥିଲେ। ପୋଲିସ ତାଙ୍କୁ କାବୁ କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ଦୀପକଙ୍କ ଘର ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅମନ ନଗରରେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଦୀପକ ସୁସ୍ଥ ହେବାପରେ ପୋଲିସ ମାମଲା ନଂ. ୧୨୬/୧୬ରେ ରୁଜୁକରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଘଟଣା ପରଠାରୁ ସେ ମଣ୍ଡଳ କାରାଗାରରେ ଥିଲେ। ସୋମବାର ଏହି ମାମଲାର ବିଚାର ବେଳେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୯ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ପ୍ରସନ୍ନ ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗଙ୍କ ସମସ୍ୟା ସମାଧାନ ଲାଗି ମୁକ୍ତ ଆକାଶର ଦାବିପତ୍ର

**ବ୍ରହ୍ମପୁର ଅଫିସ,୨୬।୮:** ଗଞ୍ଜାମ ଜିଲା ଦିବ୍ୟାଙ୍ଗମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ନେଇ ଉନ୍ନୟନ ସଂଗଠନ 'ମୁକ୍ତ ଆକାଶ' ଦାବି କରିଛି। ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ମାସିକ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦିବ୍ୟାଙ୍ଗଙ୍କ ସମସ୍ୟା ସମ୍ପର୍କରେ ବହୁବାର ଅବଗତ କରାଯାଇଥିଲେ ମଧ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଥିଲେ। ସହରାଞ୍ଚଳରେ ବସବାସ କରୁଥିବା ବହୁ ଦିବ୍ୟାଙ୍ଗଙ୍କର ବାସଗୃହ ନ ଥିବାରୁ ସେମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଦିବ୍ୟାଙ୍ଗଙ୍କୁ ଜମି ଓ ବାସଗୃହ ପ୍ରଦାନ କରିବା ସହ ଅନୁସୂଚିତ ଜାତି ଜନଜାତିଙ୍କ ଭଳି ଦିବ୍ୟାଙ୍ଗଙ୍କୁ ସମସ୍ତ ସୁବିଧା ଯୋଗାଇବା, ବ୍ୟାଟେରୀ ଚାଳିତ ୩ ଚକିଆ ରିକ୍ସା ପ୍ରଦାନ, ଭତ୍ତା ୭୦୦ ଟଙ୍କାରୁ ୨୫୦୦କୁ ବୃଦ୍ଧି କରିବା, ନିର୍ବାଚନ କ୍ଷେତ୍ରରେ ଦିବ୍ୟାଙ୍ଗଙ୍କ ନିମିତ୍ତ ସ୍ଥାନ ସଂରକ୍ଷଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସଂଗଠନ ଦାବି କରିଛି। ସଂଗଠନ ସଭାପତି ନିରଞ୍ଜନ ବାଡତ୍ୟା, ସମ୍ପାଦକ କାହ୍ନା ପାତ୍ର, କୋଷାଧ୍ୟକ୍ଷ ନରସିଂହ ଗୌଡ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଉଚ୍ଚ ଶିକ୍ଷା ପ୍ରତି ପ୍ରୋତ୍ସାହନ ଏମିତି

# ଦୃଷ୍ଟିହୀନ ଛାତ୍ରଙ୍କୁ ମିଳୁନି ହଷ୍ଟେଲ୍

**ବ୍ରହ୍ମପୁର ଅଫିସ,୨୬।୮**

ଖଲ୍ଲିକୋଟ ଜୁନିୟର୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ରଙ୍କୁ ରହିବା ପାଇଁ ହଷ୍ଟେଲ୍‌ରେ ସିଟ୍ ମିଳୁନି। ଏହାକୁ ନେଇ ଦୃଷ୍ଟିହୀନ ଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋମବାର ଏନେଇ ସେମାନେ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦକ୍ଷିଣ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରୁ ଆସି ଏହି କଲେଜରେ ସେମାନେ ନାମ ଲେଖାଇଛନ୍ତି। କିନ୍ତୁ ରହିବା ପାଇଁ ହୋଷ୍ଟେଲରେ ସିଟ୍ ମିଳୁ ନ ଥିବା ଯୋଗୁ ସେମାନେ ହଇରାଣ ହେଉଛନ୍ତି। ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଛାତ୍ରମାନେ ଗୁହାରି କରିଛନ୍ତି।

ପ୍ରକାଶ ଯେ, ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରଙ୍କ ପାଇଁ ଏକ ମାତ୍ର ହଷ୍ଟେଲ୍ ହେଲା ଆର୍.କେ.ହଷ୍ଟେଲ୍। ଜୁନିୟର୍ କଲେଜର ମଧ୍ୟ ଗୋଟିଏ ହଷ୍ଟେଲ୍ ଥିଲା, ଯେଉଁଥିରେ ପ୍ରାୟ ୩୦ ଛାତ୍ର ରହିପାରୁ ଥିଲେ। ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରମାନେ ଏହି ହଷ୍ଟେଲ୍‌ରେ ରହୁଥିବା ବେଳେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଏବଂ ଯୁକ୍ତ ୩ ର ତିନି ବର୍ଷର ଛାତ୍ରମାନେ ଆର୍.କେ. ହଷ୍ଟେଲ୍‌ରେ ରହୁଛନ୍ତି। ଚଳିତ ଶିକ୍ଷା ବର୍ଷ ଆରମ୍ଭରେ ଯୁକ୍ତ ୨ ହଷ୍ଟେଲ୍‌କୁ ଅସୁରକ୍ଷିତ ଦର୍ଶାଇ କଲେଜ କର୍ତ୍ତୃପକ୍ଷ ବନ୍ଦ କରି ଦେଇଛନ୍ତି। ଦ୍ୱିତୀୟ ବର୍ଷ ଛାତ୍ରମାନେ ଆର୍.କେ. ହଷ୍ଟେଲ୍‌ରେ ରହୁଛନ୍ତି। ହେଲେ ପ୍ରଥମ ବର୍ଷ ଛାତ୍ରଙ୍କ ରହିବା ପାଇଁ ଜାଗା ନାହିଁ। ସାଧାରଣ ଛାତ୍ରମାନେ ଘରୋଇ ମେସ୍ କରି ରହୁଛନ୍ତି। କିନ୍ତୁ ଦୃଷ୍ଟିହୀନ ଛାତ୍ରମାନେ ରହିବା ପାଇଁ ହଇରାଣ ହେଉଛନ୍ତି। ଚଳିତ ଶିକ୍ଷା ବର୍ଷରେ ଯୁକ୍ତ ୨ ପ୍ରଥମ ବର୍ଷରେ ପ୍ରାୟ ୧୦ଜଣ ଦୃଷ୍ଟିହୀନ ଛାତ୍ର ନାମ ଲେଖାଇଛନ୍ତି। ସେମାନଙ୍କ ମଧ୍ୟରେ ଅନେକଙ୍କ ଘର ନବରଙ୍ଗପୁର, କୋରାପୁଟ, ରାୟଗଡ଼ା ଆଦି ଜିଲାରେ। ଅସୁବିଧା ସମ୍ପର୍କରେ ଜାଣିବା ପରେ ମିଲଟନ୍ ଚାରିଟେବୁଲ୍ ଟ୍ରଷ୍ଟ ସେମାନଙ୍କ ରହିବା ସୁବିଧା କରିଛି। ୨ ବର୍ଷ ପର୍ଯ୍ୟନ୍ତ ସେଠାରେ ରହିବା ସମ୍ଭବ ନୁହଁ। ଏ ସମ୍ପର୍କରେ ଗତ ୫ତାରିଖରେ ଦୃଷ୍ଟିହୀନ ଛାତ୍ରମାନେ ଜିଲାପାଳ କୁଲାଙ୍ଗେଙ୍କ ନିକଟରେ ଅଭିଯୋଗ କରିଥିଲେ। ହଷ୍ଟେଲ୍‌ରେ ରହିବା ବ୍ୟବସ୍ଥା କରିବା ପାଇଁ ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଜିଲାପାଳ କୁଲାଙ୍ଗେ ଚିଠି ଲେଖିଥିଲେ। ତଥାପି କଲେଜ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବାରୁ ସୋମବାର ଦୃଷ୍ଟିହୀନ ଛାତ୍ର ତ୍ରିଲୋଚନ ବେହେରା, ମାନବ ପଣ୍ଡା, ଅଜିତ ବିଷୋୟୀ, ଶୁଭଜିତ ମଣ୍ଡଳ, ଅଜିତ ଖଣ୍ଡୁଆ ଓ ଦେବାଶିଷ ସାହୁ ପ୍ରମୁଖ ପୁଣି ଥରେ ଜିଲାପାଳଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଗୋଟିଏ ସପ୍ତାହ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କୁଲାଙ୍ଗେ ପ୍ରତିଶ୍ରୁତି ଦେଇଥିଲେ।

ଏ ସମ୍ପର୍କରେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଉତ୍ତମା ଜେନାଙ୍କ ସହ ଯୋଗାଯୋଗ କରାଯାଇଥିଲା। ତାଙ୍କ କହିବାନୁଯାୟୀ, ଆର୍.କେ. ହଷ୍ଟେଲ୍‌ରେ ସମସ୍ତ ସିଟ୍ ଭର୍ତ୍ତି ହୋଇଯାଇଛି। ଆଉ ଜାଗା ନାହିଁ। ଜୁନିୟର୍ କଲେଜ ହଷ୍ଟେଲ୍‌କୁ ବନ୍ଦ କରି ଦିଆଯାଇଥିବା ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଛି। ତଥାପି ଛାତ୍ରଙ୍କ ଅଭିଯୋଗର ବିଚାର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।


ହଷ୍ଟେଲ୍ ପାଇବାରୁ ବଞ୍ଚିତ ଦୃଷ୍ଟିହୀନ ଛାତ୍ରମାନେ।

- ସିଟ୍ ନାହିଁ କହି ରଖୁନାହାନ୍ତି କଲେଜ କର୍ତ୍ତୃପକ୍ଷ
- ଜିଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବାରଣ
- ବନ୍ଦ ପଡ଼ିଛି ଯୁକ୍ତ ୨ ହଷ୍ଟେଲ୍

## ନିଯୁକ୍ତି ନିୟମିତ କରାଇବାକୁ ଦାବି


ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

**ବ୍ରହ୍ମପୁର ଅଫିସ,୨୬।୮**

ମଧ୍ୟାହ୍ନ ଭୋଜନ ଏବଂ ଆହାର କେନ୍ଦ୍ରକୁ ଖାଦ୍ୟ ଯୋଗାଉଥିବା ମାନ୍ନା ଟ୍ରଷ୍ଟର କେନ୍ଦ୍ରୀୟ ରୋଷେଇଶାଳ ମହିଳା କର୍ମଚାରୀମାନେ ସେମାନଙ୍କ ନିଯୁକ୍ତିକୁ ନିୟମିତ କରିବାକୁ ପୁଣି ଥରେ ଦାବି କରିଛନ୍ତି। ସୋମବାର ଏନେଇ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିକଟରେ ଦାବି ରଖିଛନ୍ତି। ମହିଳାଙ୍କ ଅଭିଯୋଗ ହେଲା, ସେମାନେ ୧୪ବର୍ଷ ହେଲା ରୋଷେଇରେ ନିୟୋଜିତ ଅଛନ୍ତି। କିନ୍ତୁ ଏହି ୨୫ଜଣ ମହିଳା ଶ୍ରମିକ ସମସ୍ତ ପ୍ରକାର ଶ୍ରମ ଅଧିକାରରୁ ବଞ୍ଚିତ। ସେମାନଙ୍କୁ ବର୍ତ୍ତମାନ ଏକ ସଂସ୍ଥା ଦ୍ୱାରା ଆଉଟ୍‌ସୋର୍ସିଂରେ ରଖିବାକୁ ମାନ୍ନା ଟ୍ରଷ୍ଟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏହାକୁ ସେମାନେ ବିରୋଧ କରୁଛନ୍ତି। ଆଉଟ୍‌ସୋର୍ସିଂ ସଂସ୍ଥା ବଦଳରେ ପୂର୍ବ ଭଳି ମାନ୍ନା ଟ୍ରଷ୍ଟର କର୍ମଚାରୀ ମାନ୍ୟତା, ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଇପିଏଫ୍, ଇଏସ୍‌ଆଇ ଆଦି ସୁବିଧା, କୁଶଳୀ ଶ୍ରମିକ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରି, ସବୁ ଶ୍ରମିକଙ୍କୁ ପରିଚୟ ପତ୍ର, ୟୁନିଫର୍ମ ଏବଂ ବୀମା ସୁବିଧା ପ୍ରଦାନ, ଦୁର୍ଘଟଣା କ୍ଷେତ୍ରରେ ଉପଯୁକ୍ତ କ୍ଷତିପୂରଣ ଏବଂ ୮ ଘଣ୍ଟାରୁ ଅଧିକ ସମୟ କାମ କଲେ ଓଭର୍‌ଟାଇମ୍‌ର ଦେବା ପାଇଁ ମହିଳାମାନେ ଦାବି କରିଛନ୍ତି। କେନ୍ଦ୍ରୀୟ ରୋଷେଇଶାଳ ଶ୍ରମିକ ୟୁନିୟନ ନେତୃତ୍ୱରେ ମହିଳାମାନେ ଦାବିପତ୍ର ପ୍ରଦାନ କରିଥିଲେ।

### ବ୍ରହ୍ମପୁରକୁ ପ୍ଲାଷ୍ଟିକ୍‌ମୁକ୍ତ କରିବାକୁ ବିଏମ୍‌ସିର ଆଉ ଏକ ପ୍ରୟାସ

# ଆରମ୍ଭ ହେବ ପ୍ଲାଷ୍ଟିକ, ଆବର୍ଜନାର କମ୍ପୋଷ୍ଟିଂ ପ୍ରକ୍ରିୟା


ଉପସ୍ଥିତ ବ୍ୟବସାୟ ପ୍ରତିଷ୍ଠାନର ମାଲିକ।

**ବ୍ରହ୍ମପୁର ଅଫିସ,୨୬।୮**

ବ୍ରହ୍ମପୁର ପ୍ଲାଷ୍ଟିକ, ପଲିଥିନ ମୁକ୍ତ ଓ ସ୍ୱଚ୍ଛ ସହରରେ ପରିଣତ ହେବ। ଏନେଇ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ଲାଷ୍ଟିକ, ପଲିଥିନ ସାମଗ୍ରୀର ପୁନଃଚକ୍ରଣ ଓ ଆବର୍ଜନାକୁ କମ୍ପୋଷ୍ଟିଂ କରିବାକୁ ନେଇ ବିଏମ୍‌ସି ପଦକ୍ଷେପ ନେବାକୁ ଯାଉଛି। ଏ ଦିଗରେ ସହରରେ ଅଧିକ ଆବର୍ଜନା ଉତ୍ପନ୍ନ କରୁଥିବା ହୋଟେଲ, କଲ୍ୟାଣମଣ୍ଡପ ତଥା ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକୁ ସଚେତନ କରାଇବାକୁ ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପଲିଥିନ୍, ପ୍ଲାଷ୍ଟିକ ସାମଗ୍ରୀ ସଂଗ୍ରହ କରାଯିବା ଓ ଆବର୍ଜନାର କମ୍ପୋଷ୍ଟିଂ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସହରରେ ବାହାରୁଥିବା ଅଧିକାଂଶ ଆବର୍ଜନା, ପ୍ଲାଷ୍ଟିକ, ପଲିଥିନ ସାମଗ୍ରୀ ବ୍ୟବସାୟିକ ଅନୁଷ୍ଠାନ, କଲ୍ୟାଣ ମଣ୍ଡପରୁ ଉତ୍ପନ୍ନ ହେଉଛି। ଏହାକୁ ନିୟନ୍ତ୍ରଣ କରିବା ଦିଗରେ ବିଏମ୍‌ସି ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ କମିଶନର ସୂଚାଇଥିଲେ। ପ୍ଲାଷ୍ଟିକ ସାମଗ୍ରୀ ସଂଗ୍ରହ କରିବା ଓ ଏହାର ପୁନଃଚକ୍ରଣ ଦିଗରେ ବିଏମ୍‌ସି ପକ୍ଷରୁ ଜେମ ଏନଭାଇରୋ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଛି। ଏହି ଏଜେନ୍ସି ସମସ୍ତ ବ୍ୟବସାୟିକ ଅନୁଷ୍ଠାନରୁ ବାହାରୁଥିବା ପ୍ଲାଷ୍ଟିକ ସାମଗ୍ରୀକୁ ରକ ପିକରଙ୍କ ଜରିଆରେ ସଂଗ୍ରହ କରି ତାହାର ପୁନଃ ଚକ୍ରଣ କରିବେ। ଏଥିସହ ବ୍ୟବସାୟିକ ପ୍ରତିଷ୍ଠାନ, କଲ୍ୟାଣ ମଣ୍ଡପ, ମଲଟିଂ କମ୍ପ୍ଲେକ୍ସଗୁଡିକରୁ ବାହାରୁଥିବା ଆବର୍ଜନାର କମ୍ପୋଷ୍ଟିଂ କରିବା ଦିଗରେ ମଧ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଉଛି। ଆବଶ୍ୟକତା ଅନୁସାରେ ବିଏମ୍‌ସି ପକ୍ଷରୁ କମ୍ପୋଷ୍ଟିଂ ୟୁନିଟ ସ୍ଥାପନ ଦିଗରେ ମଧ ପଦକ୍ଷେପ ନିଆଯିବ ବୋଲି କମିଶନର କହିଥିଲେ। ଆସନ୍ତା ଅକ୍ଟୋବର ୨ରୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ବ୍ୟାନ ହେବାକୁ ଯାଉଛି। ଅକ୍ଟୋବର ୨ ସୁଦ୍ଧା ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ଏଦିଗରେ ନିଷ୍ପତ୍ତି ନେବା ସହ ପ୍ଲାଷ୍ଟିକ ସାମଗ୍ରୀ ଓ ଆବର୍ଜନାର କମ୍ପୋଷ୍ଟିଂ ପ୍ରକ୍ରିୟା ଆରମ୍ଭ କରିବାକୁ ସେ ସୂଚାଇବା ସହ ସଚେତନ କରାଇଥିଲେ। ବର୍ତ୍ତମାନ ସନ୍ଧ୍ୟାରେ ବ୍ୟବସାୟ ପ୍ରତିଷ୍ଠାନ ଅଞ୍ଚଳରେ ଆବର୍ଜନା ସଂଗ୍ରହ ପାଇଁ ୪ଗାଡି ବୁଲୁଥିବା ବେଳେ ଆବର୍ଜନାକୁ ରାସ୍ତାରେ ନ ପକାଇ ଗାଡି ଦ୍ୱାରା ଦେବାକୁ ଚେତାଇ ଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବସ୍ତି ଉନ୍ନୟନ ଅଧିକାରୀ ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, କମ୍ୟୁନିଟି ଅର୍ଗାନାଇଜର ଗୀତାଞ୍ଜଳି ସାମନ୍ତରାୟଙ୍କ ସମେତ ସହରର ସମସ୍ତ ହୋଟେଲ, ଆପାର୍ଟମେଣ୍ଟ, କଲ୍ୟାଣ ମଣ୍ଡପ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ମାଲିକ ଉପସ୍ଥିତ ଥିଲେ।

# ମେଡିକାଲ ସମସ୍ୟା ସୁଧାରିବାକୁ ଘଣ୍ଟଯାତ୍ରା

**ବ୍ରହ୍ମପୁର ଅଫିସ,୨୬।୮**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମାଧାନ ପାଇଁ ସୋମବାର ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଘଣ୍ଟଯାତ୍ରା ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ ପରେ ମିଳିତ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମେଡିକାଲ ଦ୍ୱିତୀୟ ଗେଟ୍ ଅନେକ ଦିନ ପର୍ଯ୍ୟନ୍ତ ବନ୍ଦ ରହିବା ଫଳରେ ଅଯଥାରେ ରୋଗୀମାନେ ଅନ୍ୟ ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଏହା ୪କି.ମି. ଅଧିକ ରହୁଛି। ଏଣୁ ଦ୍ୱିତୀୟ ଗେଟ୍ ଖୋଲାଯାଉ। ଅପରାହ୍ନ ୫ଟା ପରେ ମହାପ୍ରୟାଣ ଗାଡ଼ି ବ୍ୟବହାର ହେଉନି। ହେଲ୍‌ପ ଡେସ୍କ ଦାୟିତ୍ୱରେ ଥିବା କର୍ମଚାରୀମାନେ ଘରୋଇ ଆମ୍ବୁଲାନ୍ସ ଭଡ଼ାରେ ନେବାକୁ ପରାମର୍ଶ ଦେଉଛନ୍ତି। କିଲୋ ମିଟର ପିଛା ୧୫ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଅଧିକ ଟଙ୍କା ଆଦାୟ କରାଯାଉଛି। ଚକ୍ଷୁ ବିଭାଗର ଜଣେ ଆସୋସିଏଟ୍ ପ୍ରଫେସର ଗତ ୩ ବର୍ଷରୁ ଅଧିକ ସମୟ ହେଲା କଟକରେ ଡେପୁଟେଶନ୍‌ରେ ରହୁଛନ୍ତି। କିନ୍ତୁ ଘର ବାବଦରେ ଟଙ୍କା ଏଠାରୁ ନେଉଛନ୍ତି। ବ୍ରହ୍ମପୁର ବଡ ମେଡିକାଲରେ ଡାକ୍ତର ଅଭାବ ଥିବା ବେଳେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଦକ୍ଷିଣ ଓଡ଼ିଶାରେ ଗତ କିଛି ବର୍ଷ ହେଲା କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରୋଗୀଙ୍କ ଡାଏଲିସିସ୍‌ର ଆବଶ୍ୟକତା ପଡ଼ିଥାଏ। କିନ୍ତୁ ଏଠାରେ ଡାଏଲିସିସ୍ ମେଶିନ୍‌ର ଅଭାବ ରହିଛି। ଘରୋଇ ନର୍ସିଂହୋମ୍‌ରେ ଡାଏଲିସିସ୍ ପିଛା ପ୍ରାୟ ୫ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏଣୁ ତୁରନ୍ତ ବଡ଼ ମେଡିକାଲ୍‌ରେ ସର୍ବନିମ୍ନ ୧୦ ଡାଏଲିସିସ୍ ମେଶିନ୍ ସହ ଆବଶ୍ୟକ ଡାକ୍ତର ଏବଂ ଟେକ୍ନିସିଆନ୍‌ଙ୍କୁ ନିଯୁକ୍ତି ଦିଆଯାଉ। ଏଥିସହ ଅନ୍ୟ କେତେକ ଦାବିକୁ ନେଇ ଏହି ଆନ୍ଦୋଳନ ସଂଗଠିତ ହୋଇଥିଲା। ମଞ୍ଚ ଆବାହକ ଅବନୀ କୁମାର ଗୟା, ଶଙ୍କର ସାହୁ, ଇ.ତେଜେଶ୍ୱର ରାଓ, ମାନସ ରଞ୍ଜନ ପାତ୍ର, କବିରାଜ ସେଠୀ, ଲକ୍ଷ୍ମୀନାରାୟଣ ରାଉତ, ଡମ୍ବରୁଧର ସାହୁ, ମହେଶ୍ୱର ବାଡ଼ତ୍ୟା ଓ ରାଜା ସୁରେଶଙ୍କ ସମେତ ବହୁ ବୁଦ୍ଧିଜୀବୀ ଏଥିରେ ଭାଗ ନେଇଥିଲେ।



ମଞ୍ଚ ପକ୍ଷରୁ ମେଡିକାଲ୍ ସମସ୍ୟା ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଦକ୍ଷିଣାଞ୍ଚଳ ଡିଆଇଜିଙ୍କ ଦାୟିତ୍ୱ ଗ୍ରହଣ

**ବ୍ରହ୍ମପୁର ଅଫିସ,୨୬।୮**


ଡିଆଇଜି ସତ୍ୟବ୍ରତ ଭୋଇ(ଡାହାଣ)ଙ୍କୁ ସ୍ୱାଗତ କରାଯାଉଛି।

ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜି ଭାବେ ସତ୍ୟବ୍ରତ ଭୋଇ ସୋମବାର ଯୋଗ ଦେଇଛନ୍ତି। ବ୍ରହ୍ମପୁର ଆଇଜି ଯତୀନ୍ଦ୍ର କୋୟଲଙ୍କଠାରୁ ଡିଆଇଜି ଭୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସମ୍ବଲପୁର ଉତ୍ତରାଞ୍ଚଳ ଡିଆଇଜି ଭାବେ ସେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ ପରେ ତାଙ୍କୁ ବିଭାଗୀୟ ଅଧିକାରୀମାନେ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କ ୫-ଟି ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରାଯିବ ବୋଲି ସେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ଏହା ସହିତ ଦକ୍ଷିଣାଞ୍ଚଳ ରେଞ୍ଜର ଯେଉଁ ଜିଲାଗୁଡିକରେ ମାଓବାଦୀଙ୍କ ଗତିବିଧି ରହିଛି ସେ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇ ତାର ମୁକାବିଲା କରାଯିବ ବୋଲି ସେ କହିଛନ୍ତି। ଦକ୍ଷିଣାଞ୍ଚଳ ରେଞ୍ଜର ପ୍ରତ୍ୟେକ ଜିଲାର ପୋଲିସ ଲୋକଙ୍କ ନିକଟତର ହୋଇ ସେବା ପ୍ରଦାନ କରିବା ସହିତ ସମସ୍ତଙ୍କୁ ସୁରକ୍ଷା ଓ ସହଯୋଗ ଯୋଗାଇ ଆସୁଛି। ଏହି ଧାରା ବଜାୟ ରହିବ ବୋଲି ସେ କହିଛନ୍ତି। ଜିଲାର ଆଇନ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଦିଗରେ ମଧ ଉଦ୍ୟମ ଜାରି ରହିବ ବୋଲି ସେ କହିଛନ୍ତି। ପୋଲିସ ଲୋକଙ୍କ ବିଶ୍ୱାସଭାଜନ ହେବା ସହ ସାଧାରଣ ଲୋକେ କିପରି ତୁରନ୍ତ ଆଇନଗତ ସହାୟତା ପାଇବେ ସେ ଦିଗରେ ଉଦ୍ୟମ କରାଯିବ ବୋଲି ମଧ ସେ ସୂଚନା ଦେଇଛନ୍ତି। ସେହିପରି ପୋଲିସ ଲୋକଙ୍କୁ ଉତ୍ତମ ସେବା ଯୋଗାଇବା ସହ ସେମାନଙ୍କ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବ ବୋଲି ସେ କହିଛନ୍ତି। ଆମ ପୋଲିସ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇ ପୋଲିସ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ କାମ କରାଯିବ ବୋଲି ଡିଆଇଜି ଭୋଇ କହିଛନ୍ତି। ଏହି ଅବସରରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ, ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ରାସ୍ତାକଡ଼ରେ ମହିଳାଙ୍କ ପ୍ରସବ ଘଟଣା

# ତଦନ୍ତ କଲା ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଟିମ୍

**ବ୍ରହ୍ମପୁର ଅଫିସ,୨୬।୮**

ବ୍ରହ୍ମପୁର ସହର କୋର୍ଟପେଟା ଛକରେ ଗତ ୨୩ତାରିଖରେ କେ.ପାର୍ବତୀ ନାମ୍ନୀ ଜଣେ ମହିଳା ରାସ୍ତା କଡ଼ରେ ପ୍ରସବ କରିଥିଲେ। ପ୍ରସବ କରାଇ ମାନବିକତାର ପରିଚୟ ଦେଇଥିବା ଡା. ରୋନକ୍ ଗାନ୍ଧୀ ଏବଂ ଡା. ଦେବଦର୍ଶିନୀ ସାହୁଙ୍କୁ ସବୁଆଡୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ଅଧ୍ୟୟନ କରୁଥିବା ଏହି ଡାକ୍ତର ଦ୍ୱୟଙ୍କୁ ନିଜ ଶିକ୍ଷାନୁଷ୍ଠାନ ପକ୍ଷରୁ ପୂର୍ବରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କିନ୍ତୁ ଦୁଇ ଡାକ୍ତରଙ୍କୁ ସମ୍ବର୍ଦ୍ଧନା ଆଳରେ ସ୍ୱାସ୍ଥ୍ୟ ବିଭାଗ ନିଜ ଦୋଷ ଘୋଡ଼ାଇବାକୁ ଉଦ୍ୟମ କରୁଛି ବୋଲି ଜାଣିବା ଶୁଣିବା ମହଲରେ ଆଲୋଚନା ହେଉଛି। କାରଣ ଗର୍ଭବତୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଯୋଜନା ଥିଲେ ମଧ୍ୟ ସେଇ ସବୁ ଯୋଜନାର ବିଫଳତା ଯୋଗୁ ପାର୍ବତୀ ରାସ୍ତା କଡ଼ରେ ପ୍ରସବ କଲେ ବୋଲି କୁହାଯାଉଛି।

ସୋମବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ନବନିର୍ମିତ ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ମୁଖ୍ୟ ଚିକିତ୍ସାଧିକାରୀ ତଥା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଦୁଇ ଜଣ ଡାକ୍ତର ଗାନ୍ଧୀ ଏବଂ ଡା. ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲାପାଳ କୁଲାଙ୍ଗେ କହିଥିଲେ, ଉଭୟ ଡାକ୍ତର ମାନବିକତାର ଯେଉଁ ଉଦାହରଣ ସୃଷ୍ଟି କରିଛନ୍ତି, ତାହା ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ବୃତ୍ତି ନୁହେଁ, ସେବାକୁ ଉଭୟେ ପ୍ରାଥମିକତା ଦେଇଛନ୍ତି। ଏହି ଅବସରରେ ଉଭୟେ ଡାକ୍ତର ଉକ୍ତ ଦିନର ଅଭିଜ୍ଞତା କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଭି. ସରୋଜିନୀ ଦେବୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ହିମାଂଶୁବାଳା ପଟ୍ଟନାୟକ, ଏନ୍‌ଏଚ୍‌ଏମ୍‌ର ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ଏବଂ ପ୍ରଜନନ ଏବଂ ଶିଶୁ ସ୍ୱାସ୍ଥ୍ୟ ପ୍ରବନ୍ଧକ ଶକ୍ତି କୁମାର ଦିଗାଲ୍‌ଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

ଅନ୍ୟପଟେ ସାମନ୍ତିଆପଲ୍ଲୀ ଗ୍ରାମର ପାର୍ବତୀ ରାସ୍ତା କଡ଼ରେ ପ୍ରସବ କରାଇବାକୁ ନେଇ ସ୍ୱାସ୍ଥ୍ୟ ବିଭାଗର ଅପରାଗତା ଦାୟୀ ବୋଲି କୁହାଯାଉଛି। ଗର୍ଭବତୀଙ୍କୁ ଚିକିତ୍ସାଳୟରେ ପହଞ୍ଚାଇବା ପାଇଁ ଆଶାମାନେ ନିଯୁକ୍ତି ପାଇଛନ୍ତି। ହେଲେ ସେହି ଦିନ ପାର୍ବତୀଙ୍କ ସହ ଆଶା ନ ଥିଲେ। ରାସ୍ତା କଡ଼ରେ ପାର୍ବତୀ ପ୍ରସବ କରୁଥିବା ବେଳେ ଅଞ୍ଚଳବାସୀଙ୍କ ପକ୍ଷରୁ ୧୦୨ ଆମ୍ବୁଲାନ୍ସକୁ ସୂଚନା ଦିଆଯାଇଥିଲା। ହେଲେ ପ୍ରାୟ ୪୫ମିନିଟ୍ ପରେ ଆମ୍ବୁଲାନ୍ସ ସେଠାରେ ପହଞ୍ଚିଥିଲା। ଯଦି ପାର୍ବତୀଙ୍କ ପ୍ରସବ ସମୟରେ ଡା. ଦେବଦର୍ଶିନୀ ସେଠାରେ ନ ଥାନ୍ତେ, ତେବେ ପରିସ୍ଥିତି ଭିନ୍ନ ହୋଇଥାନ୍ତା, ଏଥିରେ ସନ୍ଦେହ ନାହିଁ ବୋଲି ମଧ୍ୟ କୁହାଯାଉଛି।

ଘଟଣାକୁ ନେଇ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ଭି. ସରୋଜିନୀ ଦେବୀ କୁହନ୍ତି, ସ୍ୱତନ୍ତ୍ର ଟିମ୍ ଦ୍ୱାରା ଘଟଣାର ତଦନ୍ତ କରାଯାଇଛି। ୨୨ତାରିଖରେ ଆଶାଙ୍କ ସହ ପାର୍ବତୀ ବଡ଼ ମେଡ଼ିକାଲ୍‌କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିଲେ। ଡାକ୍ତର ତାଙ୍କୁ ଅଲ୍‌ଟ୍ରାସାଉଣ୍ଡ କରିବାକୁ କହିଥିଲେ। ଆଧାର କାର୍ଡ଼ ନ ଥିବା ଯୋଗୁ ପାର୍ବତୀ ଫେରି ଯାଇଥିଲେ। ପରଦିନ ଅର୍ଥାତ୍ ୨୩ତାରିଖରେ ପାର୍ବତୀ ପୁଣି ଥରେ ବ୍ରହ୍ମପୁର ଆସିଥିଲେ। ଆଶାଙ୍କୁ ଡାକି ଥିଲେ ମଧ୍ୟ ସେ ସାଥିରେ ଆସିବାକୁ ମନା କରିଥିଲେ। ଏଣୁ ପ୍ରାଥମିକ ତଦନ୍ତରୁ ଆଶାଙ୍କ ଦାୟିତ୍ୱହୀନତା ଜଣାପଡ଼ିଛି। ଏନେଇ ଏକ ରିପୋର୍ଟ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପାଣିଗ୍ରାହୀ କହିଛନ୍ତି, ତଦନ୍ତ ରିପୋର୍ଟ ହସ୍ତଗତ ହୋଇଛି। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ।


ଡା. ରୋନକ୍ ଗାନ୍ଧୀ ଏବଂ ଡା. ଦେବଦର୍ଶିନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଆଶାଙ୍କ ବିରୋଧରେ ହୋଇପାରେ କାର୍ଯ୍ୟାନୁଷ୍ଠାନ

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଜଣେ ଗୁରୁତର

ବୁଗୁଡ଼ା,୨୬।୮(ଡି.ଏନ.ଏ.)-ବୁଗୁଡ଼ା ବିଏସ୍ଏନ୍ଏଲ କାର୍ଯ୍ୟାଳୟ ଟେଲିଫୋନ ବିଭାଗରେ କାର୍ଯ୍ୟରତ ଜଣେ ଅସ୍ଥାୟୀ କର୍ମଚାରୀ ବିଦ୍ୟୁତ ଆଘାତରେ ସୋମବାର ଗୁରୁତର ହୋଇଛନ୍ତି। ସେ ହେଲେ ଧୋବା ସାହୁ। ଧୋବା ଅପରାହ୍ନରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛାତ ଉପରେ ରହି ଟେଲିଫୋନ ତାର ସଜାଡୁ ଥିଲେ। ଏହି ସମୟରେ ଉକ୍ତ ଛାତ ଉପର ଦେଇ ଯାଇଥିବା ୧୧ କେଭି ତାର ତାଙ୍କ ସଂସ୍ପର୍ଶରେ ଆସିବାରୁ ସେ ଛାତ ଉପରେ କିଛି ଦୂରରେ ଛିଟିକି ପଡ଼ି ଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ମେଡିକାଲକୁ ପଠାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଛାତ ଉପରେ ୧୧ କେଭି ତାର କିପରି ଯାଇଥିଲା ଏବଂ ଯଦି ଯାଇଥିଲା ତେବେ କେବଲ ଗୁଡ଼ାଯାଇ ନ ଥିବା ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

ବୁଗୁଡ଼ା,୨୬।୮(ଡି.ଏନ.ଏ.)-ବୁଗୁଡ଼ା ଥାନା ବେତାରସିଙ୍ଗି ଗ୍ରାମରେ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ଉକ୍ତ ଗ୍ରାମର ସୁଶାନ୍ତ ଜେନା। ସ୍ତ୍ରୀ ନମିତାଙ୍କ ଅଭିଯୋଗ ଅନୁଯାୟୀ ଥାନାରେ ଏ ନେଇ ନଂ.୧୬୯/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ୨ ବର୍ଷ ପୂର୍ବେ ସୁଶାନ୍ତଙ୍କ ସହ ଗାଙ୍ଗପୁର ଥାନା ଅନ୍ତର୍ଗତ କଳାସୁତା ଗ୍ରାମର ନମିତାଙ୍କ ବିବାହ ହୋଇଥିଲା। ବିବାହର ବର୍ଷେ ପରେ ଅଧିକ ଯୌତୁକ ଆଣିବାକୁ ନମିତାଙ୍କୁ ସୁଶାନ୍ତ ବାଧ କରିଥିଲେ। ପରେ ତାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦିଆଯିବାରୁ ନମିତା ବାପଘରକୁ ଆସି ରହିଥିଲେ । ବାପ ଘରେ ବର୍ଷେ ରହିବା ପରେ ବି ସମସ୍ୟା ସମାଧାନ ନ ହେବାରୁ ନ୍ୟାୟ ପାଇଁ ଥାନାରେ ଅଭିଯୋଗ କରିଥିଲେ ।

### ଏନ୍ଏସି ପକ୍ଷରୁ ଚଢ଼ାଉ, ପଲିଥିନ ଜବତ

ଭଞ୍ଜନଗର,୨୬।୮(ଡି.ଏନ.ଏ.)-ଭଞ୍ଜନଗର ସହରର ବିଭିନ୍ନ ଦୋକାନ ଓ ଗୋଦାମରେ ସୋମବାର ଏନଏସି ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ପଲିଥିନ ଓ ପ୍ଲାଷ୍ଟିକ ଜବତ କରାଯାଇଛି । ଏନଏସି ଯନ୍ତ୍ରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା। ଚଢ଼ାଉ ପରେ ସେ କହିଛନ୍ତି, ଭଞ୍ଜନଗର ସହରକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ପ୍ରୟାସ ଚାଲିଛି। ବାରମ୍ବାର ଚଢ଼ାଉ ପରେ ସହରରେ ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାର ପ୍ରାୟ କମିଯାଇଛି। ଆଗାମୀ ଦିନରେ ଏଭଳି ଚଢ଼ାଉ ଯୋରଦାର କରାଯିବ। ସୋମବାର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇ ପଲିଥିନ ଜବତ ସହ ଜରିମାନା ବାବଦକୁ ୩୫ ଶହ ଟଙ୍କା ଆଦାୟ କରାଯାଇଛି ।

### ନାବାଳିକାଙ୍କ ଆତ୍ମହତ୍ୟା

ଗୋପାଳପୁର,୨୬।୮(ଡି.ଏନ୍.ଏ.)-ଜଣେ ୧୦ଶ୍ରେଣୀ ଛାତ୍ରୀ ଗୋପାଳପୁର ପାନ୍ଥନିବାସ ସଦାସଞ୍ଜିବନୀ କୋଠାରେ ଆତ୍ମହତ୍ୟା କରିଛନ୍ତି। କିଛିମାସ ହେଲେ ଛାତ୍ରୀଜଣକ ଗୋପାଳପୁର ଥାନା ସଦାସଞ୍ଜିବନୀରେ ରହି ପଢୁଥିଲେ। ସୋମବାର କୌଣସି କାରଣରୁ ସେ ସ୍କୁଲ ନ ଯାଇ ଫ୍ୟାନ୍‌ରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିଲେ। ସନ୍ଧ୍ୟାରେ ଝରକା ପଟେ ୱାର୍ଡେନ ଏହା ଦେଖି ପୋଲିସକୁ ଜଣାଇଥିଲେ। ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ପହଞ୍ଚି ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛନ୍ତି। ଏ ନେଇ ନଂ. ୨୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଛାତ୍ରୀଙ୍କ ମା' ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

■ଗୋଷ୍ଠୀ ସଂଘର୍ଷ ଘଟଣା: ୪ ଅଭିଯୁକ୍ତ ଜେଲ ଗଲେ

# ନୂଆପଡ଼ା ଅଶାନ୍ତ, ପୋଲିସ ମୁତୟନ

ଦିଗପହଣ୍ଡି,୨୬।୮(ଡି.ଏନ.ଏ.)

ଗଞ୍ଜାମ ଜିଲା ଚିକିଟି ବ୍ଲକ ନୂଆପଡ଼ାର କାହ୍ନୁ ପ୍ରଧାନ, ଶଙ୍କର ପ୍ରଧାନ, ସୁମନ ପ୍ରଧାନ ଓ ଶିବ ସେଠୀଙ୍କୁ କେ. ନୂଆଗାଁ ପୋଲିସ ସୋମବାର ଗିରଫ କରି ଦିଗପହଣ୍ଡି କୋର୍ଟଚାଲାଣ କରିଛି। ଶନିବାର ରାତି ପ୍ରାୟ ୧୦ଟାରେ ଗ୍ରାମରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। କେସ୍ ନଂ. ୧୫୭/୧୯ ଦଫା ୩୪୧/୩୨୬/୩୦୭/୩୪ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ହାଜତକୁ ପଠାଇ ଦିଆଯାଇଛି। ଘଟଣାକୁ ନେଇ ଗାଁରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ କହିଛନ୍ତି। ଗଣ୍ଡଗୋଳ ଆଶଙ୍କାରେ ଗାଁରେ ଫୋର୍ସ ମୁତୟନ କରାଯାଇଛି। ପୋଲିସ ସୂଚନା ଅନୁସାରେ ଛାତ୍ରୀମାନଙ୍କୁ କମେଣ୍ଟ ମରାକୁ କେନ୍ଦ୍ରକରି ଗ୍ରାମର ଦୁଇ ଯୁବ ଗୋଷ୍ଠୀ ମଧ୍ୟରେ ଗତ କିଛି ଦିନ ହେଲା ଛକାପଞ୍ଝା ଲାଗି ରହିଥିଲା। ରାତି ପ୍ରାୟ ୧୦ଟାରେ ଗ୍ରାମର ଚଢ଼ିଆପଡ଼ା ସାହିର ଯୁବ ଗୋଷ୍ଠୀ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ନିଲାମ ଛକର ଯୁବ ଗୋଷ୍ଠୀଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ସନାତନ ପ୍ରଧାନ ଓ ଟିଲ ଓରଫ ଟୁଲୁ ଗୌଡ ଗୁରୁତର ହୋଇଥିଲେ। ସନାତନଙ୍କ ବାମ କାନ ମୁଣ୍ଡାକୁ ଖଣ୍ଡାରେ ହଣା ଯାଇଥିଲା । ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସନାତନଙ୍କ ବାପା ସୁକୁଟା ପ୍ରଧାନ ରବିବାର ଏନେଇ ଥାନାରେ ଏତଲା ଦେଇଥିଲେ। ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ଆଇଆଇସି ମାଧବାନନ୍ଦ ନାୟକ, ଏଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବେହେରା ପ୍ରମୁଖ ସଦଳବଳ ପହଞ୍ଚି ତଦନ୍ତ କରି ଫେରିଥିଲେ।

■ଟ୍ରକ ଧକ୍କାରେ ବାଇକ୍ ଚାଳକ ମୃତ, ୨ ଆହତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଆର.ଉଦୟଗିରି,୨୬।୮(ଡି.ଏନ.ଏ.)


ଗ୍ରାମବାସୀଙ୍କ ଆନ୍ଦୋଳନ ।

ଆର.ଉଦୟଗିରି ଥାନା ବାଦପୁର ଛକ ବୁଲାଣି ରାସ୍ତାରେ ଏକ ଟ୍ରକ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଅନୁଗୁରୁ ପଞ୍ଚାୟତ ଜାମ ସାହି ଗ୍ରାମର ବନ୍ଧୁ ମାଝୀ। ଟ୍ରକ ଚାଳକ ପି. ଲକ୍ଷ୍ମଣ ରାଓ, ହେଲପର ରାଜା ରାଓ ଆହତ ହୋଇଛନ୍ତି।

ବନ୍ଧୁ ବାଇକ୍‌ରେ ନୂଆଗଡ଼ ବ୍ଲକ କାର୍ଯ୍ୟାଳୟରୁ କୌଣସି କାମ ପାଇଁ ଯାଉଥିବା ସମୟରେ ବିପରୀତ ଦିଗରୁ ଏକ ଟ୍ରକ ବାଦପୁର ଛକ ନିକଟରେ ଧକ୍କା ଦେଇଥିଲା। ଗୁରୁତରଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ରାସ୍ତା ଉପରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ। ଏଥିସହ ରାସ୍ତା ଅଣ ଓସାରିଆ ହୋଇଥିବାରୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟି ବହୁ ଲୋକଙ୍କ ଜୀବନ ହାନି ହେଉଛି ଏବଂ ଏହି ବୁଲାଣି ରାସ୍ତାକୁ ତୁରନ୍ତ ପ୍ରଶସ୍ତୀକରଣ କରିବାକୁ ଦାବି କରିଥିଲେ। ସବକଲେକ୍ଟର ରଜନୀକାନ୍ତ ସ୍ୱାଇଁ, ବିଡିଓ ପ୍ରଦୀପ କୁମାର ନାୟକ, ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ଓ ଥାନାଧିକାରୀ ମମତା ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ସହ ଜିଲା ପ୍ରଶାସନ ପକ୍ଷରୁ ୫୦ ହଜାର ଟଙ୍କା କ୍ଷତିପୂରଣ ବାବଦରେ ପ୍ରଦାନ କରାଯାଇଥିଲା। ଏଥିସହ ଗାଡ଼ି ମାଲିକ ସହ ଏ ସମ୍ପର୍କରେ କଥା ହୋଇ ୭ ଦିନ ମଧ୍ୟରେ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡ଼ିଥିଲେ। ସ୍ଥାନୀୟ ପୋଲିସ ନଂ. ୯୧/୨୦୧୯ ରେ ମାମଲା ରୁଜୁ କରି ମୃତହେଦ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମେଡିକାଲକୁ ପଠାଇଛି।

# ନଦୀରେ ନିଖୋଜ ଯୁବତୀଙ୍କ ମୃତଦେହ ଉଦ୍ଧାର

ଶେରଗଡ଼/ହିଞ୍ଜିଳିକାଟୁ, ୨୬।୮(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ହିଞ୍ଜିଳି ଥାନା କାଞ୍ଜିଆମା ଗ୍ରାମରେ ରବିବାର ଖୁଦୁରୁକୁଣୀ ଓଷା ପାଇଁ ବାଲୁଙ୍କା ପୂଜା କରିବାକୁ ଯାଇ ଋଷିକୂଲ୍ୟା ନଦୀରେ ଭାସିଯାଇ ନିଖୋଜ ଥିବା ସିଲି ବେହେରାଙ୍କ ମୃତଦେହ ସୋମବାର ସକାଳେ ଉଦ୍ଧାର ହୋଇଛି। ହିଞ୍ଜିଳିକାଟୁ ବ୍ଲକ ଗିରିଆ ନଦୀ ତଟରେ ଯୁବତୀଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ନିଖୋଜ ସିଲିଙ୍କ ପରିବାରକୁ ସୂଚନା ଦେଇଥିଲା। ପରିବାର ଲୋକେ ସେଠାରେ ପହଞ୍ଚି ତାହା ସିଲିଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ। ପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଏ ନେଇ ନଂ.୨୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ବାଲୁଙ୍କା ପୂଜା ପାଇଁ ବାଲି ଆଣିବାକୁ ଋଷିକୂଲ୍ୟା ନଦୀକୁ ଯାଇଥିବା ବେଳେ ସିଲିଙ୍କ ସମେତ ୫ ଯୁବତୀ ଭାସିଯାଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଗ୍ରାମବାସୀ ଉଦ୍ଧାର କରିଥିଲେ ମଧ୍ୟ ସିଲିଙ୍କୁ ପାଇ ନ ଥିଲେ। ଦମକଳବାହିନୀ ବି ସନ୍ଧ୍ୟା ପର୍ଯ୍ୟନ୍ତ ନଦୀରେ ଖୋଜିଥିଲେ ମଧ୍ୟ ସିଲିଙ୍କ ପତ୍ତା ମିଳି ନ ଥିଲା।

# ବିଭିନ୍ନ ସ୍ଥାନରେ ଚଢ଼ାଉ, ୩ କୋର୍ଟଚାଲାଣ

କୋଦଳା,୨୬।୮(ଡି.ଏନ.ଏ.)

ଗଞ୍ଜାମ ଜିଲା କୋଦଳା ପୋଲିସ ରବିବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୧୦ ଲିଟର ଦେଶୀ ଚୋରା ମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି ନଂ. ୨୧୭, ୨୧୮, ୨୧୯/୧୯ରେ ତିନୋଟି ମାମଲା ରୁଜୁ କରି ସୋମବାର କୋର୍ଟଚାଲାଣ କରିଛି । ରବିବାର ବିଳମ୍ବିତ ରାତିରେ କୋଦଳା ଥାନାଧିକାରୀ ଦିଲୀପ କୁମାର ସାହୁ, ଏସ୍ଆଇ ଅନିଲ କୁମାର ସାହୁ ସଦଳବଳେ ଆସ୍କାରୋଡରେ ଥିବା ମରାଠିବସାରେ ଚଢ଼ାଉ କରି ୧୧୦ ଲିଟର ରନ୍ଧାମଦ ସହ ଦୁଇଜଣଙ୍କୁ ଗିରଫ କରିଥିବା ବେଳେ ଚୁଆଁପଡ଼ା ରୋଡ ପଣ୍ଡା ସାହିରେ ୧୦୦ ଲିଟର ମଦ ସହ ଜଣଙ୍କୁ ଗିରଫ କରିଥିବା ପୋଲିସ ସୂଚନା ଦେଇଛି ।

### ପାଉଚ ମଦ ଜବତ

ଦିଗପହଣ୍ଡି (ଡି.ଏନ.ଏ.)

ପାଟପୁର ୨୬।୮

ପାଟପୁର ପୋଲିସ ସୋମବାର ଚୋରା ମଦ ରଖିବା ଅଭିଯୋଗରେ ପଟିଗୁଡ଼ା ଗ୍ରାମର କାହ୍ନା ନାୟକଙ୍କୁ ଗିରଫ କରି କୋର୍ଟ ଚଳାଣ କରିଛି। ରବିବାର ସନ୍ଧ୍ୟାରେ ତାଙ୍କ ନିକଟରୁ ପୋଲିସ ୧୧୦ ମଦ ପାଉଚ ଜବତ କରିଥିଲା।




# ଭାଜପା କର୍ମୀ ସମ୍ମିଳନୀ, ସଭ୍ୟ ସଂଗ୍ରହ ଅଭିଯାନ


କର୍ମୀ ସମ୍ମିଳନୀରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ।

ପୁରୁଷୋତ୍ତମପୁର,୨୬।୮(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଏନ୍ଏସି ଟାଉନ ହଲ ପରିସରରେ ସୋମବାର ଭାଜପାର କର୍ମୀ ସମ୍ମିଳନୀ ଓ ସଭ୍ୟ ସଂଗ୍ରହ ଅଭିଯାନ ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ପୃଥିବୀରାଜ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନେତା ଅରୁଣ କୁମାର ପଣ୍ଡା, ସ୍ୱରାଜ ପାଣିଗ୍ରାହୀ, ପୁରୁଷୋତ୍ତମପୁରର ପୂର୍ବତନ ଉପନଗରପାଳ ରାଘବ ପ୍ରସାଦ ପଟ୍ଟନାୟକ, ରଘୁନାଥ ବେହେରା, ଘୁମୁସୁର ଜିଲା ଭାଜପା ଉପସଭାପତି ଶେଷଦେବ ପଣ୍ଡା, ଅନିଲ କୁମାର ପଣ୍ଡା, ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଲିଟୁନ କୁମାର ଦାଶ, କୋରାନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏନ୍ଏସିରେ ଦୀର୍ଘ ବର୍ଷ ଧରି ବିଜେଡି ଶାସନ କରୁଥିଲେ ମଧ୍ୟ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା ଲାଗି ରହିଛି। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ସହ ରାସ୍ତାଘାଟ ଶୋଚନୀୟ ହୋଇପଡ଼ିଛି। ଆବାସ ଯୋଜନା, ବାସହୀନଙ୍କୁ ଘରବାରି ପଟ୍ଟା ଓ ଭତ୍ତା ପ୍ରଦାନରେ ଦୁର୍ନୀତି ଚାଲିଥିବା ଭାଜପା କର୍ମକର୍ତ୍ତାମାନେ କହିଥିଲେ। ତେଣୁ ସମସ୍ତ ୱାର୍ଡର ସାହି ବସ୍ତିକୁ ଯାଇ ଲୋକଙ୍କ ସମସ୍ୟା ବୁଝି ସମାଧାନ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଆଗାମୀ ପୌର ନିର୍ବାଚନରେ ବିଜେଡିକୁ ଉଚିତ ଜବାବ ଦେବାକୁ ସମସ୍ତ କର୍ମୀ ଏବେଠାରୁ କାର୍ଯ୍ୟ କରିବାକୁ ଗୁରୁମନ୍ତ୍ର ଦିଆଯାଇଥିଲା। ରବୀନ୍ଦ୍ର ନାୟକ ,ଶିବରାମ ପାଢ଼ୀ, ଝିଲି ମହାରଣା, ପ୍ରଶାନ୍ତ ରାଉଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ୫ ଶହରୁ ଊର୍ଦ୍ଧ୍ୱ ମହିଳାଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ ।




# ଗୋଟିଏ ରାତିରେ ୩ ଘରୁ ଚୋରି

ହାତୀଓଟ,୨୬।୮

ପୋଲସରା ବ୍ଲକ ଭାଟଖାଲି ଗ୍ରାମରେ ରବିବାର ରାତିରେ ଦୁର୍ବୃତ୍ତମାନେ ୩ ଜଣଙ୍କ ଘରେ ପଶି ଚୋରି କରିଛନ୍ତି। ଦୁର୍ବୃତ୍ତମାନେ ଗ୍ରାମର ତଳସାହି ଅଜିତ୍ ବିଷୋୟୀଙ୍କ ନୂଆଘରର ବାରିପଟୁ ଆସି ଦୁଆର ବନ୍ଧରେ ଥିବା ଲୁହାଭେଣ୍ଟିଲେଟର ତାଡିଥିଲେ। ପରେ କବାଟ ଭାଙ୍ଗି ଘର ଭିତରେ ପଶି ଅନ୍ୟ ଏକ ଘରର ତାଲା ଭାଙ୍ଗିଥିଲେ। କିନ୍ତୁ ସେଠାରୁ କିଛି ନ ମିଳିବାରୁ ପଡ଼ୋଶୀ ଶଙ୍କର ଡାକୁଆଙ୍କ ବାରି କବାଟ ଭାଙ୍ଗି ଘରେ ଥିବା ଦୁଇଟି ଲୁହା ଟ୍ରଙ୍କପେଡ଼ିକୁ ନେଇ ଚାଲି ଯାଇଥିଲେ। ଏହି ସମୟରେ ଶଙ୍କର ସାନ ଝିଅ ପାଟି କରିବାରୁ ତାକୁ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିଲେ। ଏହା ପରେ ସେମାନେ କବି ଡାକୁଆଙ୍କ ବାରିପଟୁ କବାଟ ଭାଙ୍ଗି ପଶିବା ପାଇଁ ଚେଷ୍ଟା କରି ବିଫଳ ହୋଇ ପଳାଇଛନ୍ତି । ଘଟଣାରୁ ଜଣାପଡୁଛି ଏମାନେ ଗ୍ରୁପ ହୋଇ ଏହିଭଳି ସିରିଜ୍ ଚୋରି କରିଥିବା ଦେଖିବାକୁ ମିଳିଛି । ଖବର ପାଇ ବାଲିଛାଇ ଫାଣ୍ଡି ଅଧିକାରୀ ସୋମବାର ସକାଳେ ପହଞ୍ଚି ତଦନ୍ତ କରି ଫେରିଛନ୍ତି ।

# ଆଧାର ସଂଯୋଗ ନ କଲେ ରାଶନ ସାମଗ୍ରୀ ମିଳିବନି


କର୍ମଶାଳାରେ ଉପସ୍ଥିତ

ଆସିକା,୨୬।୮(ଡି.ଏନ୍.ଏ.)

ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ରାଶନ କାର୍ଡ ସହ ଆଧାର କାର୍ଡ ନମ୍ବର ସଂଯୋଗୀକରଣକୁ ବାଧ୍ୟତାମୂଳକ କରାଯାଇଛି। ଅଦ୍ୟାବଧି ଆସିକା ବ୍ଲକର କେତେକ ହିତାଧିକାରୀ ସେମାନଙ୍କ ରାଶନ କାର୍ଡରେ ଆଧାର ନମ୍ବର ସଂଯୋଗ କରିନାହାନ୍ତି। ଅଗଷ୍ଟ ଶେଷ ସୁଦ୍ଧା ଆଧାର ନମ୍ବର ସଂଯୋଗ ନ କଲେ ହିତାଧିକାରୀ ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହେବେ। ସୋମବାର ଆସିକା ବ୍ଲକ ସଭାଗୃହରେ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ କର୍ମଶାଳାରେ ଏହି ସୂଚନା ଦିଆଯାଇଛି। ନିର୍ବାଚିତ ପ୍ରତିନିଧିମାନେ ଏଥିପ୍ରତି ଧ୍ୟାନଦେବା ଲାଗି ନିବେଦନ କରାଯାଇଛି। ବ୍ଲକର ୨୭ ପଞ୍ଚାୟତରେ ଜାତୀୟ ଖାଦ୍ୟସୁରକ୍ଷା ଯୋଜନାରେ ୧.୫ ଲକ୍ଷରୁ ଅଧିକ ହିତାଧିକାରୀ ସାମିଲ ହୋଇଥିବା ବେଳେ ୮ ହଜାରରୁ ଅଧିକଙ୍କ କାର୍ଡ ଆଧାର ସଂଯୋଗ କାର୍ଯ୍ୟ ଏ ଯାଏ ହୋଇପାରିନାହିଁ। ଏ ସମ୍ପର୍କରେ ରିତିମତ ହିତାଧିକାରୀଙ୍କୁ ଜଣାଇ ଦିଆଯାଉଥିଲେ ମଧ୍ୟ ସେମାନେ ପ୍ରସାଶନକୁ ସହଯୋଗ କରୁ ନ ଥିବା ଲକ୍ଷ୍ୟ କରାଯାଇଛି। ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତ ୩୭୬୪ ପରିବାରର ୯୯୮୨ ରାଶନ କାର୍ଡ ପାଇଁ ଆଶାୟୀ ଅଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ପୂର୍ବରୁ ଆଧାର କାର୍ଡର ସଂଯୋଗୀକରଣ ସରିଥିଲା ବେଳେ ଏହି ଯୋଜନାରେ ୪୭୮୫ ପରିବାରର ୧୧ ହଜାର ୬୯୯ ଜଣ ରାଶନ ସାମଗ୍ରୀ ପାଉଥିବା ବିଡିଓ ଗାୟତ୍ରୀଦତ୍ତ ନାୟକ ସୂଚନା ଦେଇଛନ୍ତି । ବିଡିଓ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବ୍ଲକ ଯୋଗାଣ ଅଧିକାରୀ ଜୟରାମ ଲେଙ୍କା, ଜିଲା ପରିଷଦ ସଭ୍ୟ ଶିବଶଙ୍କର ମହାନ୍ତି, ଗୌରହରି ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ଯୋଗାଣ ସହାୟକମାନେ ସାମିଲ ଥିଲେ ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ